## ସଂକ୍ଷେପରେ

### ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ବୁଗୁଡ଼ା,୩।୯(ଡି.ଏନ.ଏ.): ବୁଗୁଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି । ସେ ହେଲେ ପାଣ୍ଡିଆ ଗୌଡ଼ । ଏ ନେଇ ବୁଗୁଡ଼ା ଥାନାରେ ନଂ ୨୦୪/୧୮ରେ ଏକ ମାମଲା ରୁଜୁ ହୋଇଥିଲା । ଶୁକ୍ରବାର ସ୍କୁଲ ପରିସରରେ ନାବାଳିକାଙ୍କୁ ଏକୁଟିଆ ଥିବା ଦେଖି ଅଭିଯୁକ୍ତ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକାଙ୍କ ପାଟିଶୁଣି ଶିକ୍ଷୟିତ୍ରୀ ଶିକ୍ଷକ ପହଞ୍ଚି ତାଗିଦ କରିବାରୁ ଅଭିଯୁକ୍ତ ଜଣକ ଗାଳିଗୁଲଜ କରିଥିଲେ । ଏନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟିରେ ଆଲୋଚନା ହୋଇଥିଲା । ପରେ ଥାନାରେ ଏତଲା ଦିଆଯାଇଥିଲା । ସୋମବାର ଅଭିଯୁକ୍ତ ଓ ଛାତ୍ରୀଙ୍କ ଡ଼ାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟକୁ ଚାଲାଣ କରାଯାଇଥିଲା ।

### ଟିପ୍ପର-ଟ୍ରେଲର-ଟ୍ରକ ଧକ୍କା, ୩ ଗୁରୁତର

ଗୋପାଳପୁର,୩।୯: ୧୬ନଂ ଜାତୀୟ ରାଜପଥ ଗୋପାଳପୁର ଥାନା ଜଗନ୍ନାଥପୁର ଛକଠାରେ ରବିବାର ମଧରାତିରେ ଟିପ୍ପର, ଟ୍ରେଲର ଓ ଟ୍ରକ ଧକ୍କା ହେବାରୁ ୨ ଚାଳକଙ୍କ ସହ ଜଣେ ହେଲପର ଗୁରୁତର ଆହତ ହୋଇଛନ୍ତି। ଗୋପାଳପୁର ଥାନା ପୋଲିସ ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଛି । ରବିବାର ରାତି ପ୍ରାୟ ସାଢ଼େ ୨ଟାରେ ଏକ ଟିପ୍ପର ଜଗନ୍ନାଥପୁର ଛକ ନିକଟରେ ବୁଲାଣି କରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ହଠାତ୍ ଇଚ୍ଛାପୁର ଅଭିମୁଖେ ଯାଉଥିବା ଟ୍ରକ ଧକ୍କା ଦେଇଥିଲା । ଏହି ସମୟରେ ବିପରୀତ ଦିଗରୁ କଲିକତା ଅଭିମୁଖେ ଥିବା ଟ୍ରେଲର ଧକ୍କା ଦେବାରୁ ପ୍ରଚଣ୍ଡ ଶବ୍ଦ ହେବା ସହ ଦୁଇ ଚାଳକ ସହ ହେଲପର ଗୁରୁତର ଆହତ ହୋଇଥିଲେ। ଗୋପାଳପୁର ଥାନାଧିକାରୀ ସୁଶାନ୍ତ କୁମାର ସାହୁ, ଗୋଷାଣୀ ନୂଆଗାଁ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଲୁହା କଟର ସାହାଯ୍ୟରେ କ୍ୟାବିନ କାଟି ୩ ଜଣଙ୍କୁ ଉଦ୍ଧାର କରିଥିଲେ । ଦୁର୍ଘଟଣାଗ୍ରସ୍ତ ୩ ଗାଡ଼ିକୁ ପୋଲିସ ଜବତ କରିଛି।

# ଅନୁପସ୍ଥିତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଛତ୍ରପୁର,୩।୯(ଡି.ଏନ.ଏ)

ଛତ୍ରପୁରସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ମିଳିତ ଭାବେ ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ । ତେବେ ଉକ୍ତ ଅଭିଯୋଗ ଶୁଣାଣି ବେଳେ ଜିଲା ଶ୍ରମ ଅଧିକାରୀ ଏବଂ ଅନ୍ୟ କେତେକ ଅଧିକାରୀ ଅନୁପସ୍ଥିତ ଥିଲେ । ଏ ନେଇ ଜିଲାପାଳ ବିରକ୍ତି ପ୍ରକାଶ କରିବା ସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ଜିଲାପାଳଙ୍କ ନିର୍ଦ୍ଦେଶ ପାଇ ଜିଲା ଶ୍ରମ ଅଧିକାରୀ ଉକ୍ତ ଅଭିଯୋଗ ଶୁଣାଣି କୁ ଆସିଥିଲେ । ଅନୁପସ୍ଥିତ ଓ କାମରେ ଅବହେଳା ପାଇଁ ତାଙ୍କୁ ଜିଲାପାଳ ତାଗିଦ୍ କରିଥିଲେ । ପୂର୍ବାହ୍ନ ୧୧ ଟାରୁ ୩ଟା ପର୍ଯ୍ୟନ୍ତ ଏହି ଅଭିଯୋଗ ଶୁଣାଣି ଚାଲିଥିଲା । ମୋଟ ୨୫୧ ଅଭିଯୋଗର ଶୁଣାଣି ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଚିକିତ୍ସା ଆଦି ପାଇଁ ୧୩ ଜଣଙ୍କୁ ଜିଲାପାଳ ସହାୟତା ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣିରେ ଛତ୍ରପୁର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସବ୍ୟସାଚୀ ହୋତା, ଜିଲା ଜରୁରୀ କାଳୀନ ଅଧିକାରୀ ପ୍ରଜ୍ଞା ପରିମିତା ଥାଟୋଇ, ଜିଲା ମଙ୍ଗଳ ଅଧିକାରୀ ପରିକ୍ଷୀତ ଦାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।


ଜିଲାପାଳ ଓ ଏସପି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମୃତ ଅଣ୍ଡିରା କୃଷ୍ଣସାର ଉଦ୍ଧାର


ମୃତ କୃଷ୍ଣସାର ।

ଆସିକା,୩।୯ (ଡି.ଏନ୍.ଏ)

ଚାରିମଇଲି ଛକଠାରୁ ସିଦ୍ଧନୟୀ ଯାଇଥିବା ରାସ୍ତାରେ ଜଗତିପଡିଆରୁ ସୋମବାର ସକାଳେ ଏକ ଅଣ୍ଡିରା କୃଷ୍ଣସାର ମୃଗ ମୃତଦେହ ଉଦ୍ଧାର କରାଯାଇଛି । ପ୍ରାୟ ସାଢେ ୩ ଫୁଟ ଲମ୍ବା, ଅଢେଇଫୁଟ ଉଚ୍ଚତା ଓ ଦେଢ ଫୁଟ ଲମ୍ବର ସିଙ୍ଘ ଥିବା ଏହି କୃଷ୍ଣସାରର ବୟସ ୫ରୁ ୬ ବର୍ଷ ମଧ୍ୟରେ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତ କୃଷ୍ଣସାରକୁ ବନ ବିଭାଗ ପକ୍ଷରୁ ଆସିକା ପ୍ରାଣୀ ଚିକିତ୍ସାଳୟରେ ବ୍ୟବଛେଦ ପରେ ଚାରିମଇଲିସ୍ଥିତ କୃଷ୍ଣସାର ଶୁଶ୍ରୁଷା କେନ୍ଦ୍ର ପରିସରରେ ପୋତି ଦିଆଯାଇଥିବା ଆସିକା ବନାଞ୍ଚଳ ଅଧିକାରୀ ହରିହର ମଲିକ ସୂଚନା ଦେଇଛନ୍ତି। ଖାଦ୍ୟ ବିଷକ୍ରୀୟା ଜନିତ କାରଣରୁ କୃଷ୍ଣସାରଟିର ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସାଧିକାରୀ ପ୍ରଭାତ କୁମାର ପରିଡା ସୂଚନା ଦେଇଛନ୍ତି। ରବିବାର ଭେଟନଇ ଡାକ୍ତରଖାନା ନିକଟରେ ଗୋଟିଏ ଅଣ୍ଡିରା କୃଷ୍ଣସାର ମୃଗର ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଥିଲା । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଆସିକା ବନାଞ୍ଚଳର ଚାରିମଇଲି ଭେଟନଇ ଇଲାକାରେ ୧୫ରୁ ଉର୍ଦ୍ଧ୍ୱ କୃଷ୍ଣସାରଙ୍କ ମୃତ୍ୟୁ ଘଟିଲାଣି ।

# ଆନ୍ତଃକଲେଜ ଖୋ-ଖୋ ପ୍ରତିଯୋଗିତା

ପାଟପୁର,୩।୯(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପାଟପୁର ସ୍ଥିତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ମିନିଷ୍ଟାଡିୟମରେ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ୫ମ ଅନ୍ତଃ କଲେଜ ବାଳିକା ବିଭାଗ ଖୋ-ଖୋ ପ୍ରତିଯୋଗୀତା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାଶ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଷଦ ସମ୍ପାଦକ ଡ. ପି.କେ. ଦିକ୍ଷୀତ, ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା, ବିଧାୟିକା ପ୍ରତିନିଧି ସହଦେବ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଶଙ୍କର୍ଷଣ ସ୍ୱାଇଁ, କଲେଜର କ୍ରୀଡ଼ା ପରିଷଦ ଉପସଭାପତି ଅମୟ କୁମାର ପାଢ଼ୀ, ସହ ସମ୍ପାଦକ ରାଜେଶ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଅନ୍ତଃ କଲେଜ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ କେନ୍ଦୁପଦର କଲେଜ, ୨ୟ ମ୍ୟାଚରେ ଜି.ଉଦୟଗିରି କଲେଜ, ୩ୟ ମ୍ୟାଚରେ ବାଲିଗୁଡ଼ା କଲେଜ ଓ ୪ର୍ଥ ମ୍ୟାଚରେ ନବରଙ୍ଗପୁର କଲେଜ ଦଳ ପ୍ରତିପକ୍ଷ ସାମନ୍ତିଆପଲ୍ଲୀ, ଫିରିଙ୍ଗିଆ କଲେଜ, ପାଟପୁର, ରାୟଗଡ଼ା ସ୍ୱୟଂଶାସିତକୁ ହରାଇ ବିଜୟ ହୋଇଥିଲେ । କ୍ରୀଡ଼ା ଅଧ୍ୟାପକ ଲକ୍ଷ୍ମଣ କୁମାର ସାହୁ ମ୍ୟାଚ ପରିଚାଳନା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।


ପ୍ରତିଯୋଗିତାରେ ଉପସ୍ଥିତ ଅତିଥି ।

# ସିବିଆଇ ଅଫିସର କହି ଲୁଟ୍ ଅଭିଯୋଗ

ଭଞ୍ଜନଗର,୩।୯(ଡି.ଏନ.ଏ.)

ଜଣେ ଯୁବକ ନିଜକୁ ସିବିଆଇ ଅଫିସର କହି ଭଞ୍ଜନଗର ସହରର ପ୍ରଦୀପ ପଣ୍ଡାଙ୍କଠାରୁ ରବିବାର ସୁନାଚେନ ଲୁଟି ନେଇଛନ୍ତି। ପ୍ରଦୀପ ବାଇକ୍‌ରେ ବାଉଁଶଲୁଣ୍ଠି ଯାଉଥିବା ବେଳେ ଜଣେ ଯୁବକ ନିଜକୁ ସିବିଆଇ ଅଫିସର କହି ଅଟକାଇଥିଲେ। ସେ ପ୍ରଦୀପଙ୍କୁ ଲିଫ୍ଟ ମାଗିଥିଲେ। ଯୋଜନା ପ୍ରକାରେ ଅଭିଯୁକ୍ତ ଆଉ ଜଣେ ଯୁବକଙ୍କୁ ସିବିଆଇ ଅଫିସର କହି ପ୍ରଦୀପଙ୍କ ସମ୍ମୁଖରେ ଧମକାଇ ଥିଲେ। ପ୍ରଦୀପ ତାଙ୍କୁ ବିଶ୍ୱାସ କରିଯାଇଥିଲେ। ପରେ ଯୁବକ ଜଣଙ୍କ ପ୍ରଦୀପଙ୍କୁ ସୁନା ଚେନ, ମୁଦି କାହିଁକି ପିନ୍ଧିଛ ଘରେ ରଖିଦେବ ବୋଲି କହିଥିଲେ। ତେଣୁ ପ୍ରଦୀପ ସୁନା ଜିନିଷ ବାହାର କରି ରୁମାଲରେ ବାନ୍ଧି ଉକ୍ତ ଯୁବକଙ୍କୁ ଦେଇଥିଲେ। ଓହ୍ଲାଇବା ପରେ ଯୁବକ ରୁମାଲଟି ପ୍ରଦୀପଙ୍କୁ ଫେରାଇଥିଲେ। ରୁମାଲରେ ସୁନା ଚେନ୍ ନ ଥିବା ପ୍ରଦୀପ ଘରେ ଦେଖିବା ପରେ ଥାନାରେ ଅଭିଯୋଗ କରିଛନ୍ତି ।

# ସୁପରଭାଇଜର ଲାଞ୍ଚ ନେବା ଭିଡ଼ିଓ ଭାଇରାଲ

ଭଞ୍ଜନଗର,୩।୯(ଡି.ଏନ.ଏ.)

ବେଲଗୁଣ୍ଠା ବ୍ଲକ ସିଡ଼ିପିଓ ଅଫିସର ଜଣେ ସୁପରଭାଇଜର ବିଭିନ୍ନ ବିଲ୍ ପାଶ୍ କରିଦେବା ପାଇଁ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଗତ ମାସରେ ଲାଞ୍ଚ ନେଉଥିବା ଭିଡ଼ିଓ ଭାଇରାଲ ହୋଇଛି। ଏଭଳି ପରିସ୍ଥିତିରେ କିଛି ଅଙ୍ଗନୱାଡ଼ି କର୍ମୀ ସୋମବାର ଭଞ୍ଜନଗର ଉପ ଜିଲାପାଳଙ୍କୁ ଭେଟି ସୁପରଭାଇଜରଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଭଞ୍ଜନଗର ଉପଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ ଘଟଣାର ତଦନ୍ତ କରିଛନ୍ତି । ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲାପାଳଙ୍କ ନିକଟକୁ ଚିଠି ଲେଖିଛନ୍ତି। କ୍ଷତ୍ରିୟବରପୁର ସେକ୍ଟର ସୁପରଭାଇଜର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ଲାଞ୍ଚ ନେଉଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ଏ ନେଇ ଉକ୍ତ ସେକ୍ଟରର କିଛି ଅଙ୍ଗନୱାଡ଼ି କର୍ମୀ ଉପଜିଲାପାଳଙ୍କୁ ଭେଟି ବିଲ୍ ପାଶ୍ କରବା ପାଇଁ ସୁପରଭାଇଜର ଲାଟଂ ମାଗୁଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗରେ ଭାଇରାଲ ହେଉଥିବା ଭିଡ଼ିଓ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ । ଏହାପରେ ଉପ ଜିଲାପାଳ ଭାଇରାଲ ଭିଡ଼ିଓ ଏବଂ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ କରିଛନ୍ତି । ଏନେଇ ଉପ ଜିଲାପାଳ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ କରାଯାଇଛି। ଏଥିସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ଚିଠି ଲେଖାଯାଇଛି ।



**ସଂକ୍ଷେପରେ**

### କଂଗ୍ରେସର ଅଭିଯୋଗ
## କେଉଁଥିରେ ଶ୍ରେଷ୍ଠ ବ୍ରହ୍ମପୁର ବିଧାୟକ

**ବ୍ରହ୍ମପୁର ଅଫିସ୍,୩।୯:** ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କୁ ୨୦୧୬ ବର୍ଷ ପାଇଁ ପଣ୍ଡିତ ନୀଳକଣ୍ଠ ଦାସ ଶ୍ରେଷ୍ଠ ବିଧାୟକ ପୁରସ୍କାର ପ୍ରଦାନ କରାଯାଇଛି । ଏଥି ପାଇଁ ତାଙ୍କୁ ଶନିବାର ବିଭିନ୍ନ ସଂଗଠନ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବ୍ରହ୍ମପୁର ବିଧାୟକଙ୍କୁ ଶ୍ରେଷ୍ଠ ବିଧାୟକ ପୁରସ୍କାର ମିଳିବାକୁ ନେଇ ସମାଲୋଚନା କରିଛନ୍ତି ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା । ସେ କେଉଁଥିରେ ଶ୍ରେଷ୍ଠ ବୋଲି ପ୍ରଶ୍ନ କରିଛନ୍ତି । କାର୍ଯ୍ୟକାରୀ ସଭାପତି ପଣ୍ଡା ଏକ ପ୍ରେସ୍ ବିବୃତିରେ କହିଛନ୍ତି, ବିଧାନସଭାରେ ଶାନ୍ତି ଓ ସଂହତି ପାଳନ କରିବାରୁ ବିଧାନସଭା କମିଟି ଦ୍ୱାରା ୨୪ ଜଣଙ୍କୁ ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ କରାଯାଇଥିଲା। ପୁରସ୍କୃତ ହେଇଥିବା ବିଧାୟକଙ୍କ ମଧ୍ୟରୁ ବ୍ରହ୍ମପୁର ବିଧାୟକ ଜଣେ । କିନ୍ତୁ ବିଜୁ ଜନତା ଦଳ ଏହି ସମ୍ମାନକୁ ଯେପରି ରାଜନୈତିକ ଭାବରେ ବ୍ୟବହାର କରିବାକୁ ଉଦ୍ୟମ କରୁଛି, ତାହା ନିନ୍ଦାର ବିଷୟ । ୧୯୯୫ରୁ ବ୍ରହ୍ମପୁରରୁ ଲଗାତାର ୫ ଥର ବିଧାୟକ ଭାବେ ବିଜୟୀ ହୋଇଥିବା ବିଧାୟକ ଡା. ଚ୍ୟାଉ ପଟ୍ଟନାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳୁନି। ସହରର ସମସ୍ୟା ସମାଧାନ କରିବା କଥା ପଡ଼ିଲେ, ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି ବୋଲି କୁହନ୍ତି । ବିଭିନ୍ନ ବ୍ୟବସାୟ ପାଇଁ ସେ ସୁପାରିସ କରୁଥିବା ବେଳେ ବ୍ରହ୍ମପୁରର ବିକାଶ ପାଇଁ ଆଦୌ ଗୁରୁତ୍ୱ ଦେଉନାହାନ୍ତି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା ଓ ସମ୍ବଲପୁର ସହରକୁ ତୁଳନା କଲେ ବ୍ରହ୍ମପୁରର ବିକାଶ ଆମେ ଜାଣିପାରିବା । ଏଣୁ ବିଧାୟକ ଡା. ଚ୍ୟାଉପଟ୍ଟନାୟକ ବ୍ରହ୍ମପୁରକୁ ବିକାଶରେ ଶ୍ରେଷ୍ଠ କରନ୍ତୁ ବୋଲି ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ପଣ୍ଡା ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି ।

## ୧୫ ଶିକ୍ଷକ ସମ୍ବର୍ଦ୍ଧିତ



ବ୍ରହ୍ମପୁର ଅଫିସ୍,୩।୯-ଇନ୍‌ରହ୍ୱିଲ୍ କ୍ଲବ ପକ୍ଷରୁ ସୋମବାର ସନ୍ଧ୍ୟାରେ ଗୁରୁ ପୂର୍ବରୁ ଏହି ଦିବସ ପାଳନ କରାଯାଇଛି। କର୍ପୋରେଟର୍ ପି. ଆଶା ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ୧୫ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନ କରୁଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ଅତୁଳନୀୟ ଅବଦାନ ଏବଂ ଛାତ୍ର ବତ୍ସଳତା ପାଇଁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । କ୍ଲବ ସଭାପତି ଜେ. ସରିତା ଏବଂ ସମ୍ପାଦିକା ଜେ. ଦୀପା ଉପସ୍ଥିତ ଥିଲେ । ସେହିଭଳି ଏହି ଅବସରରେ ନାରୀଶସକ୍ତୀକରଣ ମାନସିକତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଜାତୀୟସ୍ତରର ବକ୍ତା ଡା. ଆର୍‌କେଏସ୍. ମାଙ୍ଗେସ୍ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ■ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ
# ୭ ବ୍ଲକରେ ୨୮ଶହଙ୍କୁ ମ୍ୟାଲେରିଆ

ବ୍ରହ୍ମପୁର ଅଫିସ୍,୩।୯

ରାଜ୍ୟଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ, ଅପହଞ୍ଚ ଏବଂ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ପାଇଁ ନିୟମିତ ଅନେକ ଯୋଜନା ଘୋଷଣା କରୁଛନ୍ତି। କିନ୍ତୁ ଏହି ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚି ପାରୁନି । ଗଞ୍ଜାମରେ ପୁଣି ଏହାର ନମୁନା ଦେଖିବାକୁ ମିଳିଛି । ଜିଲାର ୭ ବ୍ଲକର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ବ୍ୟାପୀବାରେ ଲାଗିଛି । ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ(ଦମନ) ଅଭିଯାନ ବେଳେ ଏହି ୭ବ୍ଲକରେ ପ୍ରାୟ ୨୮ଶହ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଛନ୍ତି ।

ଜୁନ୍ ପହିଲାରୁ ଗଞ୍ଜାମ ଜିଲାର ୭ ବ୍ଲକ ଯଥା ସାନଖେମୁଣ୍ଡି, ସୋରଡ଼ା, ପାତ୍ରପୁର, ଧରାକୋଟ, ପୋଲସରା, ଭଞ୍ଜନଗର ଓ ଦିଗପହଣ୍ଡିରେ ଦମନ ଅଭିଯାନ ଆରମ୍ଭ ହୋଇଥିଲା । ଏହି ବ୍ଲକଗୁଡ଼ିକରେ ବିଗତ ବର୍ଷରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ଥିବା ଯୋଗୁ ଦମନ ଅଭିଯାନ ପାଇଁ ଚିହ୍ନଟ ହୋଇଥିଲା। ୨୦୧୮-୧୯ ବର୍ଷରେ ୩ ପର୍ଯ୍ୟାୟରେ ୧୯୫ କ୍ୟାମ୍ପ ଆୟୋଜନ କରାଯିବ । ପ୍ରତ୍ୟକ ପର୍ଯ୍ୟାୟରେ ୬୫ କ୍ୟାମ୍ପସ ଆୟୋଜନ ହେବ । ପ୍ରଥମ ପର୍ଯ୍ୟାୟ ଜୁନ୍‌ରୁ ଆରମ୍ଭ ହୋଇ ଅଗଷ୍ଟରେ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ଚଳିତ ଥରର ୬୫ ଏବଂ ପୂର୍ବ ବର୍ଷର ବଳକା ଥିବା ୨୦କୁ ମିଶାଇ ମୋଟ ୮୫ କ୍ୟାମ୍ପ ଆୟୋଜନ ହୋଇଥିଲା । କ୍ୟାମ୍ପଗୁଡ଼ିକରେ ଗ୍ରାମବାସୀଙ୍କ ସମୂହ ରକ୍ତ ପରୀକ୍ଷା କରାଯାଇଥିଲା। ଗର୍ଭବତୀ ଏବଂ ୫ବର୍ଷରୁ କମ୍ ଶିଶୁମାନଙ୍କର ରକ୍ତ ପରୀକ୍ଷା, ହିମୋଗ୍ଲୋବିନ୍ ପରୀକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା । ସେହିଭଳି ଗର୍ଭବତୀଙ୍କ ରକ୍ତଚାପ ପରୀକ୍ଷା ମଧ୍ୟ କରାଯାଇଥିଲା। ଏଥି ସହ ଡିଡିଟି ସିଞ୍ଚନ କରାଯିବା ସହ ମ୍ୟାଲେରିଆ ନିରାକରଣ ପାଇଁ କ'ଣ ପଦକ୍ଷେପ ନିଆଯିବ, ସେନେଇ ଲୋକଙ୍କୁ ସଚେତନ କରାଯାଇ ଔଷଧ ବଣ୍ଟନ ହୋଇଥିଲା । ବିଭିନ୍ନ ପ୍ରକାର ପରୀକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସମେତ ଅଙ୍ଗନୱାଡ଼ି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀମାନଙ୍କୁ ନିୟୋଜିତ କରାଯାଇଥିଲା । ପ୍ରତେକ ଗ୍ରାମରେ ପ୍ରାୟ ୩ଦିନ ଯାଏ ଏହି କ୍ୟାମ୍ପ ଆୟୋଜନ ହୋଇଥିଲା । ପ୍ରଥମ ପର୍ଯ୍ୟାୟ କ୍ୟାମ୍ପ ଆୟୋଜନ ଅଗଷ୍ଟ ଶେଷ ସୁଦ୍ଧା ସମାପ୍ତ ହୋଇଛି । ଏହି ପର୍ଯ୍ୟାୟରେ ୮୫




ଆୟୋଜିତ କ୍ୟାମ୍ପରେ ରକ୍ତ ନମୁନା ସଂଗ୍ରହ କରାଯାଉଛି ।

କ୍ୟାମ୍ପରେ ୧୨ହଜାର୪୪୬ ଲୋକଙ୍କ ରକ୍ତ ଏବଂ ଅନ୍ୟାନ୍ୟ ପରୀକ୍ଷା କରାଯାଇଛି । ରକ୍ତ ପରୀକ୍ଷା ରିପୋର୍ଟ ମିଳିସାରିଛି । ୨୭୮୯ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଏତେ ସଂଖ୍ୟକ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ଜଣାପଡ଼ିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତର ସହ ନିଆଯାଇଛି । ଆକ୍ରାନ୍ତଙ୍କ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଇଛି । ଏଥି ସହ ଔଷଧଯୁକ୍ତ ମଶାରି ବଣ୍ଟନ ଏବଂ ଡିଡିଟି ସିଞ୍ଚନ ଦିଗରେ ପଦକ୍ଷେପ ନିଆଯାଇଛି । ଏହି ଅଞ୍ଚଳଗୁଡ଼ିକ ଅତ୍ୟନ୍ତ ଦୁର୍ଗମ ଏବଂ ଅପହଞ୍ଚ । ତଥାପି ସ୍ୱାସ୍ଥ୍ୟ ବିଭାଗର କର୍ମୀମାନେ ପ୍ରତ୍ୟକ ଗ୍ରାମକୁ ଯାଇ କ୍ୟାମ୍ପ ଆୟୋଜନ କରିଥିଲେ ।

ସୂଚନାଯୋଗ୍ୟ,୭ ବ୍ଲକରେ ୨୭୩ ଗ୍ରାମର ଏହି ଅଭିଯାନ ଦ୍ୱାରା ୨୯୭୦୯ ଲୋକ ଉପକୃତ ହୋଇପାରିବେ । ୨୦୧୭ରେ ଗଞ୍ଜାମ ଜିଲାରେ ୧୦ହଜାର ୭୨ଜଣ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ । ସେଥିରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ୨୦୧୬ରେ ୧୧ହଜାର ୮୫୬ଜଣଙ୍କୁ ମ୍ୟାଲେରିଆ ଆକ୍ରାନ୍ତ କରିଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଥିଲା । ଜିଲା ମ୍ୟାଲେରିଆ ଅଧିକାରୀ ଡା. ଜଗଦୀଶ ପଟ୍ଟନାୟକଙ୍କ କହିବାନୁଯାୟୀ, ଅଞ୍ଚଳଗୁଡ଼ିକ ଦୁର୍ଗମ ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କର୍ମୀମାନେ ପହଞ୍ଚି କ୍ୟାମ୍ପ ଆୟୋଜନ କରିଥିଲେ । ମ୍ୟାଲେରିଆ ଆକ୍ରାନ୍ତ ରିପୋର୍ଟ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାକୁ ଗୁରୁତର ସହ ନିଆଯାଇଛି । ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବଣ୍ଟନ, ସିଞ୍ଚନ ଏବଂ ମଶାରି ବଣ୍ଟନକୁ ଗୁରୁତ୍ୱ ଦିଆଯାଉଛି ।

## ମାସିକ ସାହିତ୍ୟ ଆସର

ବ୍ରହ୍ମପୁର ଅଫିସ୍,୩।୯

ଅଗ୍ରଣୀ ଯୁବପିଢ଼ି ସାରସ୍ୱତ ଅନୁଷ୍ଠାନ ନେତାଜୀ ସାରସ୍ୱତ ମଞ୍ଚର ୧୬୦ତମ ମାସିକ ସାହିତ୍ୟ ଆସର ସ୍ଥାନୀୟ ଉତ୍କଳ ଆଶ୍ରମ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସରକାରୀ ପଲିଟେକ୍‌ନିକ୍ କଲେଜ ଅଧ୍ୟକ୍ଷ ଜି. ଚତୁର୍ଭୁଜ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବାଲିଗୁଡ଼ା ଅଞ୍ଚଳର ସାହିତ୍ୟିକ ତଥା ଆଦିବାସୀ ଗବେଷକ ଡ. ରଘୁନାଥ ରଥଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇଥିଲା। ବ୍ରହ୍ମପୁର ଜୋନ୍ ଉଚ୍ଚ ଶିକ୍ଷା ପରିଷଦ ଉପସଚିବ ଡ. କୁଳମଣୀ ଓଝା ଭାଗବତର ଏକ ଅଧ୍ୟାୟ ଗାନ କରିଥିଲେ। ସମ୍ପାଦକ ନଳିନୀକାନ୍ତ ଗୌଡ଼ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଗାଳ୍ପିକ ଶରତ କୁମାର ଦାସ ଏହାକୁ ସଂଯୋଜନା କରିଥିଲେ। ସରୋଜିନୀ ସାହୁ, ସ୍ୱର୍ଣ୍ଣମୟୀ ପାଢୀ, ନୀହାରିକା ସାହୁ, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢୀ, ଜି. ଚତୁର୍ଭୁଜ ପାତ୍ର, ନିଳିନୀ ଗୌଡ଼, ପ୍ରଫୁଲ୍ଲ ରାଉତ, ଶରତ ଦାସ, ବି.ସତ୍ୟମ ଆଚାରୀ ପ୍ରମୁଖ ଗଳ୍ପ ପାଠ କରିଥିଲେ । ରାଧା ପାତ୍ର, ଅଶ୍ରିତା ନାୟକ, ସୁଦର୍ଶନ ବିଷୋୟୀ, କୃଷ୍ଣଚନ୍ଦ୍ର ପଣ୍ଡା, ଶିଶିର ସାବତ, ତ୍ରିଲୋଚନ କାର୍ଜୀ, ପୀତାମ୍ବର ସାହୁ, ସିଏଚ୍. ରମେଶ କୁମାର ରାଓ ଏବଂ ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଭାତ କୁମାର ସାହୁ ପରିଚାଳନା କରିଥିବା ବେଳେ ମନୋଜ ସାମଲ ଧନ୍ୟବାଦ ଦେଇଥିଲେ ।

### ■ ଚାଣକ୍ୟ ଅନୁଷ୍ଠାନର ଗୁରୁଗୌରବ ସମାରୋହ
## ବିଦ୍ୟାର୍ଥୀଙ୍କ ଚରିତ୍ର, ଦକ୍ଷତା ବିକାଶକୁ ଶିକ୍ଷକମାନେ ଗୁରୁତ୍ୱ ଦିଅନ୍ତୁ: ବିଧାୟକ

ବ୍ରହ୍ମପୁର ଅଫିସ୍,୩।୯

ଗୁରୁଙ୍କ ଉପରେ ଦେଶର ବିକାଶ ନିର୍ଭର କରିଥାଏ । ଚରିତ୍ରବାନ ତଥା ସୁସମାଜ ଗଠନରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିନା ଗୁରୁରେ କୌଣସି କାର୍ଯ୍ୟ ସିଦ୍ଧି ଅସମ୍ଭବ । ଏହା ବହୁପୁରାତନ ଯୁଗରୁ ପ୍ରମାଣିତ ହୋଇଆସିଛି । ବର୍ତ୍ତମାନର ଶିକ୍ଷାବ୍ୟବସ୍ଥା ଯେତେ ସୁଦୃଢ଼ ହୋଇଥିଲେ ମଧ ଜଣେ ଉତ୍ତମ ଶିକ୍ଷକ ତଥା ଗୁରୁ ବିନା ଶିକ୍ଷାର ବିକାଶ ସମ୍ଭବ ନୁହେଁ । ଚାଣକ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଗୁରୁଗୌରବ ସମାରୋହରେ ଯୋଗଦେଇ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଏହା କହିଛନ୍ତି । ସମ୍ରାଟ ମହାବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ଉତ୍ସବରେ ବିଧାୟକ ଡ. ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ କହିଥିଲେ, ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ବିଦ୍ୟାର୍ଥୀଙ୍କ ଦକ୍ଷତା ବୃଦ୍ଧି ପାଇଁ ମଧ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ବହୁ ପଦକ୍ଷେପ ନିଆଯାଉଛି। ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା ଅଧ୍ୟାପକମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରି ବିଦ୍ୟାର୍ଥୀଙ୍କୁ ଚରିତ୍ରବାନ ଓ ଦକ୍ଷତା ସମ୍ପନ୍ନ ନାଗରିକରେ ପରିଣତ କରିବା ଦିଗରେ ଚେଷ୍ଟା କରିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ଆବାହକ ଡ. କମ୍ବୁପାଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ରଙ୍ଗେଇଲୁଣ୍ଡା ବିଡିଓ କେ. ନାଗଭୂଷଣ, ସିଟି କଲେଜ ପୂର୍ବତନ ଅଧ୍ୟକ୍ଷ ଲମ୍ବୋଦର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା, ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ ମହାପାତ୍ର, ବ୍ରହ୍ମପୁର ମହାନଗର ନିଗମ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ଚାଣକ୍ୟ ଅନୁଷ୍ଠାନ ସଭାପତି ବିଦ୍ୟୁତ ଚନ୍ଦ୍ର ଦାଶ, ସମ୍ରାଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତ୍ୟନାରାୟଣ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୁରୁଙ୍କ ସହ ଶିଷ୍ୟଙ୍କୁ ଯୋଡି ରଖିବା ପାଇଁ ଏହି ପୂଜ୍ୟପୂଜା ପରମ୍ପରାକୁ ବଜାୟ ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କୈଳାସ ଚନ୍ଦ୍ର ବେହେରା, ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ଚନ୍ଦ୍ର କୋଠିଆ, ଏସ ରାମାରାଓ, ଖଲ୍ଲିକୋଟ କଲେଜର ଅଧ୍ୟକ୍ଷ ଡ. ବନମାଳୀ ପାଣିଗ୍ରାହୀ, ଗୋପାଳପୁର କଲେଜ ଅଧ୍ୟକ୍ଷ ଚକ୍ରଧର ପାତ୍ର,ସିଟି କଲେଜ ଅଧ୍ୟକ୍ଷ ପୁଷ୍ପାଞ୍ଜଳୀ ସାବତ ପ୍ରମୁଖ ମଞ୍ଚାସୀନ ଥିଲେ । ଅଧ୍ୟାପକ ଡ. ରାମଚରଣ ଜେନାଙ୍କ ସମେତ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ, ଅବସରପ୍ରାପ୍ତ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ୧୫୦ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରୁବେନ ବାନାର୍ଜୀଙ୍କ ଦ୍ୱାରା ଲିଖିତ ନବୀନ ପଟ୍ଟନାୟକ ପୁସ୍ତକକୁ ମୁଖ୍ୟଅତିଥି ବିଭିନ୍ନ କଲେଜ ଗ୍ରନ୍ଥାଗାରକୁ ପ୍ରଦାନ କରିଥିଲେ ।



ମୁଖ୍ୟଅତିଥି ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ଭିଏଚ୍‌ପିର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ୍,୩।୯

ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ରବିବାର ପାଳିତ ହୋଇଯାଇଛି। ଏଥି ସହ ଜନ୍ମାଷ୍ଟମୀ ଉତ୍ସବ ଏବଂ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ମଧ୍ୟ ପାଳନ କରାଯାଇଥିଲା । ପରିଷଦ ଜିଲା ସଭାପତି ଇଂ. ଅଶୋକ କୁମାର ପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗ ସମ୍ପାଦକ ରମାକାନ୍ତ ରଥ, ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ଶଙ୍କର ଦାଶ, ସମ୍ପାଦକ ଅରୁଣ ପ୍ରସାଦ ପାଢୀ, ମହନ୍ତ ଚିନ୍ମୟାନନ୍ଦ ମହାରାଜ, ଜିଲା ବଜରଙ୍ଗ ଦଳ ସଂଯୋଜକ ଗୌତମ ମହାରଣା, ନଗର ସଂଯୋଜକ ନୀଳାଞ୍ଚଳ ବିଷୋୟୀ, ମହାନଗର ଭିଏଚ୍‌ପି ସଭାପତି ତ୍ରିନାଥ ପଣ୍ଡା, ଅଜୟ କୁମାର ଦ୍ୱିବେଦୀ, ଜିଲା ଧର୍ମପ୍ରସାର ପ୍ରମୁଖ ରାମହରି ସାହୁ ମଞ୍ଚାସୀନ ଥିଲେ । ଶ୍ରୀକୃଷ୍ଣଙ୍କ ଧର୍ମରକ୍ଷା ପାଇଁ କାର୍ଯ୍ୟ, ବିଶ୍ୱ ହିନ୍ଦୁ ପରିଷଦର ସୃଷ୍ଟି ଏବଂ କାର୍ଯ୍ୟକଳାପ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହିନ୍ଦୁ ସମାଜକୁ ଅବଦାନ ତଥା ସେବାକାର୍ଯ୍ୟ ବିଷୟରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି କାହ୍ନୁଚରଣ ପତି, ପ୍ରଭାତ ଷଡ଼ଙ୍ଗୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଶେଷରେ ଦହି ହାଣ୍ଡି ଭଙ୍ଗା ଯାଇଥିଲା । ପ୍ରଦୀପ ମିଶ୍ର, ରବୀନ୍ଦ୍ର ମହାନ୍ତି, ନୀଳାଞ୍ଚଳ ପଣ୍ଡା ଓ ପ୍ରମୋଦ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରେଶମ ସହରରେ ନନ୍ଦଉତ୍ସବ

ବ୍ରହ୍ମପୁର ଅଫିସ୍,୩।୯

ଷୋହଳଖଣ୍ଡ ଗୋପାଳ ସମାଜ ଓ ନନ୍ଦ ମହୋତ୍ସବ କମିଟି ପକ୍ଷରୁ ନନ୍ଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ହିଲପାଟଣାସ୍ଥିତ ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ ଉତ୍ସବକୁ ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ସଭାପତି ସଭାପତି ପର୍ଶୁରାମ ଗୌଡଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅମ୍ବିକା ଦାଶ, ଜଗନମୋହନ ମହାପାତ୍ର ଓ ଦଣ୍ଡପାଣି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଗଣେଶ ମହାଙ୍କୁଡ ସଂଯୋଜନା କରିଥିବା ବେଳେ ଆବାହକ ନାରାୟଣ ମହାଙ୍କୁଡ ପରିଚାଳନା କରିଥିଲେ । ଶିଶୁମାନଙ୍କ ଦ୍ୱାରା ଦହି ହାଣ୍ଡି ଭଙ୍ଗା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଧର ଗୌଡ, ଧୋବା ଗୌଡ, ଦେବରାଜ ଗୌଡ, ସୁକାନ୍ତ କୁମାର ଗୌଡ, ବିନୋଦ ଚନ୍ଦ୍ର ଗୌଡ, କବିରାଜ ଗୌଡ, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ସମାଜର ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ କରାଯାଇଥିଲା । ଗୋପାଳ ସମାଜର ଐତିହ୍ୟ ଓ ଭିତ୍ତଭୂମି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଳାକାର ଆଶିଷ କୁମାର ଗୌଡଙ୍କ ସମେତ ମୁରଲୀ ଗୌଡ, ଉଲ୍ଲାସ ଗୌଡ, ରାମଚନ୍ଦ୍ର ଗୌଡ, ସହଦେବ ଗୌଡ, ଇଂ ଗୋପୀନାଥ ଗୌଡ ଯୋଗ ଦେଇ ଗୋପାଳଙ୍କଙ୍କ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଗୋଷାଣୀନୂଆଗାଁ ଗୋକୁଳଧାମରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ, ସଙ୍ଗୀତ, ଏକକ ନୃତ୍ୟ, ଦଳଗତ ନୃତ୍ୟ, ଛଦ୍ମବେଶ ପ୍ରଭୃତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ରହ୍ମପୁର ଇସ୍କନ ରେ ଏହି ଉତ୍ସବ ପାଳିତ ହୋଇଥିଲା ।



ସହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ନନ୍ଦ ଉତ୍ସବ ଅବସରରେ ଦହି ହାଣ୍ଡି ଭଙ୍ଗା ଯାଉଛି ।

## ଗଞ୍ଜାମରେ ଖୋଲିବ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର

ବ୍ରହ୍ମପୁର ଅଫିସ୍,୩।୯

ଗଞ୍ଜାମ ଜିଲାରେ ପ୍ରଥମ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଖୋଲିବ । ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଏହା କାର୍ଯ୍ୟ କରିବ । ସେଥିପାଇଁ ଜଣେ ମାଇକ୍ରୋ ବାୟୋଲୋଜିଷ୍ଟ ପଲ୍ଲବୀ ପତିଙ୍କୁ ନିଯୁକ୍ତି ଦିଆଯାଇଛି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ଜନସ୍ୱାସ୍ଥ୍ୟ) ଡା. ହିମାଂଶୁବାଳା ପଟ୍ଟନାୟକଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସରକାର ପ୍ରତେକ ଜିଲାର ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର(ପବ୍ଲିକ ହେଲ୍‌ଥ ଲାବୋରେଟୋରୀ) ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଗଞ୍ଜାମରେ କାର୍ଯ୍ୟ ଆରମ୍ଭ ହୋଇଛି । ପରୀକ୍ଷାଗାର ପାଇଁ ଆବଶ୍ୟକ ଉପକରଣ ପହଞ୍ଚି ଯାଇଛି । ବ୍ରହ୍ମପୁରସ୍ଥିତ ସିଟି ହସ୍‌ପିଟାଲ୍‌କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଭାବେ କାର୍ଯ୍ୟ କରୁଛି । ଏଣୁ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରଟି ସିଟି ହସ୍‌ପିଟାଲ୍‌ରେ କାର୍ଯ୍ୟକ୍ଷମ ହେବ। ଏହି ପରୀକ୍ଷାଗାର କାର୍ଯ୍ୟକ୍ଷମ ହେବା ଦ୍ୱାରା ଅନେକ ଗୁରୁତର ରୋଗର କାରଣ ଜଣାପଡ଼ିବ। ଜିଲାର କୌଣସି ସ୍ଥାନରେ ଝାଡ଼ାବାନ୍ତି କିମ୍ବା ଅନ୍ୟାନ୍ୟ ଭୂତାଣୁ ବାହିତ ରୋଗ ବ୍ୟାପିଲେ, ପୂର୍ବରୁ କାହିଁକି ଏହି ରୋଗ ବ୍ୟାପୁଛି, ତାର କାରଣ ଜାଣିବା କଷ୍ଟ ହେଉଥିଲା । କିନ୍ତୁ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରରେ ଏହାର କାରଣ ସହଜରେ ଜଣାପଡ଼ିବ । ସେହିଭଳି ଡେଙ୍ଗୁ ଏବଂ ମ୍ୟାଲେରିଆ ଭୂତାଣୁ ମଧ ଚିହ୍ନଟ ହୋଇପାରିବ। ଅନ୍ୟପଟେ ନିୟମିତ ବ୍ୟବଧାନରେ ପାନୀୟ ଜଳ ମଧ୍ୟ ଏଠାରେ ପରୀକ୍ଷା କରାଯାଇପାରିବ । ବର୍ତ୍ତମାନ ଏହି ପରୀକ୍ଷାଗାର ନିର୍ମାଣାଧୀନ ରହିଛି । ଦୁଇ ଜଣ ଟେକ୍ନିସିଆନ୍ ଏବଂ ଜଣେ ଆଟେଣ୍ଡାଣ୍ଟଙ୍କୁ ନିଯୁକ୍ତି ଦିଆଯିବ । ଏ ନେଇ ମଧ୍ୟ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଏଭଳି ଅତ୍ୟାଧୁନିକ ପରୀକ୍ଷାଗାର ପୂର୍ବରୁ କେବଳ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌ରେ ରହିଥିଲା । ସିଟି ହସ୍‌ପିଟାଲ୍‌କୁ ମଧ୍ୟ ନିୟମିତ ବହୁ ସଂଖ୍ୟାରେ ରୋଗୀ ଆସୁଛନ୍ତି । ପୂର୍ବରୁ ସିଟି ହସ୍‌ପିଟାଲ୍‌ରେ ଏକ ପରୀକ୍ଷାଗାର ରହିଛି । କିନ୍ତୁ ସେଠାରେ ସିମୀତ କେତେକ ଭୂତାଣୁ ଚିହ୍ନଟ ହିଁ ସମ୍ଭବ ହେଉଛି । ଅତ୍ୟାଧୁନିକ ଜିଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାର କାର୍ଯ୍ୟକ୍ଷମ ହେଲେ ବହୁ ରୋଗୀ ଉପକୃତ ହୋଇପାରିବେ । ଏହା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବା ପାଇଁ ପ୍ରାୟ ଦୁଇରୁ ତିନି ମାସ ସମୟ ଲାଗିବ ବୋଲି ଜଣାପଡ଼ିଛି ।

# ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ଘଣ୍ଟ ଯାତ୍ରା

ବ୍ରହ୍ମପୁର ଅଫିସ, ୩।୯

ନିଦାନ ସ୍ୱାସ୍ଥ୍ୟ ଯୋଜନାକୁ ଉଲ୍ଲଙ୍ଘନ କରୁଥିବା ଡାକ୍ତର ଓ କାର୍ଯ୍ୟରେ ଅନୁପସ୍ଥିତ ଥିବା ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ବ୍ରହ୍ମପୁର ବଡଡାକ୍ତରଖାନା ସମ୍ମୁଖରେ ୫୮ ତମ ଘଣ୍ଟ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ମର୍ମରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ବଡଡାକ୍ତରଖାନାର ଅଧୀକ୍ଷକ ଚରଣ ପଣ୍ଡାଙ୍କ ଜରିଆରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟରୁ ପ୍ରେରଣ କରାଯାଇଛି ।

ପ୍ରକାଶଯେ, ନିଦାନ ସ୍ୱାସ୍ଥ୍ୟ ଯୋଜନା ମାଧ୍ୟମରେ ରାଜ୍ୟର ପ୍ରତେକ ସରକାରୀ ଚିକିତ୍ସାଳୟରେ ସମସ୍ତ ପରୀକ୍ଷା ନିରୀକ୍ଷା ମାଗଣାରେ ଉପଲବ୍ଧ ହେବା କଥା, କିନ୍ତୁ ଏମ୍‌କେସିଜି ମେଡିକାଲର ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ଶିବପ୍ରସାଦ ପଟ୍ଟନାୟକ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ଉଲ୍ଲଙ୍ଘନ କରି ରୋଗୀଙ୍କୁ ଏକ ଘରୋଇ ନର୍ସିଂ ହୋମକୁ ପଠାଉଛନ୍ତି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କେ.ଜମୁନା ଅଗଷ୍ଟ ୩୧ ତାରିଖରେ ବଡ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ଡାକ୍ତର ପଟ୍ଟନାୟକ ଏକ ଘରୋଇ କ୍ଲିନିକ୍‌କୁ ପଠାଇଥିଲେ ବୋଲି ଅଭିଯୋଗ ହୋଇଛି। ସେହିପରି ବହୁ ଦାବି ଆନ୍ଦୋଳନ ପରେ ଆରମ୍ଭ ହୋଇଥିବା ଡିଜିଟାଲ୍ ଏକ୍ସ-ରେ ମେସିନ୍ ଥିବା ସତ୍ତ୍ୱେ ରୋଗୀଙ୍କୁ ତାହା ଉପଲବ୍ଧ ନ ହେବା ପଛରେ କେତେକ ନ୍ୟସ୍ତସ୍ୱାର୍ଥ ଡାକ୍ତରଙ୍କ କମିଶନ କାରବାର ଉଦ୍ଦେଶ୍ୟ ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ । ସେହିପରି ଅଲଟ୍ରା ସାଉଣ୍ଡ ବିଭାଗରେ କାର୍ଯ୍ୟରତ ଡାକ୍ତର ପଟ୍ଟନାୟକ ସର୍ଜରୀ ବିଭାଗରେ ଚିକିତ୍ସିତ ଜଣେ ବରିଷ୍ଠ ନାଗରିକଙ୍କୁ ଡିଜିଟାଲ୍ ଏକ୍ସ-ରେ ଓ ଅଲଟ୍ରା ସାଉଣ୍ଡ କରିବା ପାଇଁ ବାଧ କରିବା ପରେ ଘଟଣା ପଦାକୁ ଆସିଛି ବୋଲି ଅଭିଯୋଗ ହୋଇଛି । ଅନେକ ଡାକ୍ତର ସରକାରୀ ହସ୍‌ପିଟାଲରେ ବିଭିନ୍ନ ପରୀକ୍ଷା ଓ ଔଷଧ ଉପଲବ୍ଧ ସତ୍ତ୍ୱେ ଘରୋଇ ଅନୁଷ୍ଠାନକୁ ଯିବା ପାଇଁ ରୋଗୀଙ୍କୁ ବାଧ କରିବା ଘଟଣାକୁ ନିନ୍ଦା କରି ମାନବ ସୁରକ୍ଷା ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ମାନେ ନିଜ ଦାବି ଉପସ୍ଥାପନ କରିବା ପାଇଁ ୫୮ ତମ ଘଣ୍ଟ ପିଟା ଯାତ୍ରା କରିଥିଲେ। ସେହିପରି ରକ୍ତ ଭଣ୍ଡାରରେ ନିଯୁକ୍ତ ୫ଜଣ ଡାକ୍ତରଙ୍କ ମଧ୍ୟରୁ ଅଧିକାଂଶ ଅନୁପସ୍ଥିତ ରହି ଘରୋଇ ନର୍ସିଂହୋମ୍ ଚଳାଇ ଦରମା ଲୁଟୁଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଥିଲା। ଉକ୍ତ ଆନ୍ଦୋଳନରେ ଆର୍.ସତ୍ୟନାରାୟଣ ରାଓ, ଶ୍ୟାମ ସୁନ୍ଦର ଖାଡଙ୍ଗା, ରାମଚନ୍ଦ୍ର ସାହାଣୀ, ପ୍ରଭାତ ନାହାକ, ଏସ୍.ଶାମ୍ଭ ଶିବ ରାଓ,ବଂଶୀଧର ଭୂୟାଁ, ଦ୍ୱାରିକାନାଥ ଘଡେଇ, ଲକ୍ଷ୍ମୀନାରାୟଣ ରାଉତ, ବିଜୟ ଚନ୍ଦ୍ର ବିଷୋୟୀ, ମାଗୁଣୀ ନାହାକ ପ୍ରମୁଖ ସାମିଲ ହୋଇଥିଲେ । ଏନେଇ ବଡଡାକ୍ତରଖାନା ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗ ପାଇଛନ୍ତି ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ




ବଡଡାକ୍ତରଖାନା ଇନ୍‌ଡୋର୍ ସମ୍ମୁଖରେ ମାନବ ସୁରକ୍ଷା ମଞ୍ଚ ପକ୍ଷରୁ ଘଣ୍ଟ ଯାତ୍ରା ।

**ନିଦାନ ସ୍ୱାସ୍ଥ୍ୟ ଯୋଜନା ଉଲ୍ଲଘଂନ**

ବୋଲି କହିଛନ୍ତି । ସେହିପରି ଅଭିଯୋଗ ଆସିଥିବା ବଡଡାକ୍ତରଖାନାର ଡାକ୍ତର ଶିବ ପ୍ରସାଦ ପଟ୍ଟନାୟକଙ୍କୁ ପଚରାଯିବାରୁ ଏମ୍‌କେସିଜି ମେଡିକାଲରେ ବହୁ ପୁରୁଣା ଏକ୍ସ-ରେ ମେସିନ ରହିଛି । ଯେଉଁଥିରେ ରୋଗୀଙ୍କ ରିପୋର୍ଟ ସ୍ପଷ୍ଟ ଦେଖାଯାଉନାହିଁ। ସେହିପରି ଅଲଟ୍ରା ସାଉଣ୍ଡ କରିବା ପାଇଁ ଆସିଥିବା ଉକ୍ତ ରୋଗୀଙ୍କର ପେଟ ଭିତରେ ଟ୍ୟୁମରରୁ ଏକ ଟିସୁ ବାହାର କରି ପରୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଥିଲା । ଯେଉଁ ସୁବିଧା ଏକ ନିର୍ଦ୍ଦିଷ୍ଟ ଘରୋଇ ଡାଇଗନୋଷ୍ଟିକ୍ ସେଣ୍ଟର ବ୍ୟତୀତ କେଉଁଠି ହେଲେ ନାହିଁ । ସେହିପରି ଏମ୍‌କେସିଜିରେ ରହିଥିବା ସିଟି-ସ୍କାନ ମେସିନ୍‌ରେ କେବଳ ମୁଣ୍ଡ ପରୀକ୍ଷା ହେଉଥିବା ବେଳେ ଶରୀରର ଅନ୍ୟ କେଉଁ ଅଂଶର ପରୀକ୍ଷା କରିବା ଅସମ୍ଭବ । ଏଣୁ ସିଟି ସ୍କାନ କରିବା ପାଇଁ ଅଧିକା ଅର୍ଥ ଖର୍ଚ୍ଚାନ୍ତ ନହୋଇ ଡିଜିଟାଲ ଏକ୍ସ-ରେ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ସେପ୍ଟେମ୍ବର ୪/୨୦୧୮ Berhampur, Tuesday, September, 4/ 2018

## ସଂକ୍ଷେପରେ

### ଅପରାଧ ଯୋଜନା ପଣ୍ଡ, ୪ ଗିରଫ

ଭଞ୍ଜନଗର,୩ା୯(ଡି.ଏନ.ଏ.)-ବେଲଗୁଣ୍ଠା ଫାଣ୍ଡି ନିକଟ ଏକ ବିଦେଶୀ ମଦ ଦୋକାନ ସମ୍ମୁଖରେ ରବିବାର ରାତିରେ ୪ ଯୁବକ ଖଣ୍ଡା ଦେଖାଇ ଆତଙ୍କ ସୃଷ୍ଟି କରିବା ସହ କୌଣସି ଅପରାଧ ଘଟାଇବା ପାଇଁ ଯୋଜନା କରିଥିଲେ । ଏ ନେଇ ମଦ ଦୋକାନ କର୍ମଚାରୀ ପୋଲିସକୁ ସୂଚନା ଦେବାରୁ ସେମାନେ ଫେରାର ହୋଇଯାଇଥିଲେ। ପୋଲିସ ସେମାନଙ୍କ ପିଛା କରି କାବୁ କରିଥିଲା। ଅଭିଯୁକ୍ତମାନେ ହେଲେ ସୁଦର୍ଶନ ବେହେରା, ଶାନ୍ତନୁ ପାଣିଗ୍ରାହୀ, ରବୀନ୍ଦ୍ର ନାୟକ, ବିଶ୍ୱଜିତ୍ ସ୍ୱାଇଁ । ସେମାନଙ୍କଠାରୁ ୨ ଖଣ୍ଡା, ୨ ବାଇକ୍, ଗୋଟିଏ କାର୍ ଜବତ କରାଯାଇଛି । ଏ ନେଇ ଏସ୍‌ଡ଼ିପିଓ ଉତ୍କଳ କେଶରୀ ଦାସ କହିଛନ୍ତି ଯେ, ରବିବାର ମଧ ରାତିରେ ଅଭିଯୁକ୍ତମାନେ କାରରେ ଆସି ବେଲଗୁଣ୍ଠାରେ ଥିବା ଏକ ବିଦେଶୀ ମଦ ଦୋକାନରୁ ମଦ କିଣିବାକୁ ଚାହିଁଥିଲେ। ତେବେ କୌଣସି କାରଣରୁ ଦୋକାନୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା । ଅଭିଯୁକ୍ତମାନେ ଭଞ୍ଜନଗରରେ ବାଇକ୍ ରଖି କାର ନେଇ ମଦ ଦୋକାନ ନିକଟକୁ ଯାଇଥିଲେ। କେଉଁ କାରଣକୁ ନେଇ ସେମାନେ ଆତଙ୍କ ସୃଷ୍ଟି କଲେ ତାହାର ତଦନ୍ତ ଚାଲିଛି।

### ମହିଳା ଡାକ୍ତରଙ୍କ ଆତ୍ମହତ୍ୟା ଘଟଣା
### ଦେଢ଼ଶୁର, ଯାଆଙ୍କୁ ଜେରା

ଛତ୍ରପୁର,୩ା୯(ଡି.ଏନ.ଏ)- ଛତ୍ରପୁର ରେଲୱେ ଫାଟକ ନିକଟ ଧାରଣାରେ ଗତ ୧୭ ତାରିଖରେ ଟ୍ରେନ୍ ଆଗକୁ ଡେଇଁ ସୁନ୍ଦରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅର୍ଚ୍ଚନା ଦାଶ ଆତ୍ମହତ୍ୟା କରିଥିଲେ । ଅର୍ଚ୍ଚନାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ମା'କୁସୁମ ପ୍ରଭା ମିଶ୍ର ଛତ୍ରପୁର ଥାନାରେ ଏତଲା ଦେଇଥିଲେ । ଏହି ମାମଲାରେ ମୃତା ଅର୍ଚ୍ଚନାଙ୍କ ସ୍ୱାମୀ ସମେତ ୮ ଜଣଙ୍କୁ ଧରିବାକୁ ପୋଲିସ ଭୁବନେଶ୍ୱର ଓ ସମ୍ବଲପୁର ଆଦି ଅଞ୍ଚଳରେ ଚଢ଼ାଉ କରିଥିଲା । ସୋମବାର ଅର୍ଚ୍ଚନାଙ୍କ ଦେଢ଼ଶୁର ଓ ଯାଆଙ୍କୁ ଛତ୍ରପୁର ଥାନାରେ ଜେରା କରାଯାଇଛି । ଅର୍ଚ୍ଚନାଙ୍କ ସ୍ୱାମୀ ଓ ଅନ୍ୟମାନଙ୍କ ସମ୍ପର୍କରେ ସୂଚନା ମିଳିଲେ ଦେବା ସହ ତଦନ୍ତରେ ସହଯୋଗ କରିବୁ ବୋଲି ସେମାନେ ପୋଲିସକୁ କହିଥିବା ଜଣାପଡିଛି। ଥାନାରେ ହାଜର ହେବାକୁ ଏମାନଙ୍କୁ ଛତ୍ରପୁର ପୋଲିସ ପକ୍ଷରୁ ପୂର୍ବରୁ ନୋଟିସ୍ ଦିଆଯାଇଥିଲା । ସ୍ୱାମୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଛାଡପତ୍ର ପିଟିଶନ ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ପରିବାର ଜଜ୍ କୋର୍ଟ ପକ୍ଷରୁ ଅର୍ଚ୍ଚନାଙ୍କ ନିକଟକୁ ନୋଟିସ୍ ଆସିଥିଲା । ଏଥିରେ ମାନସିକ ଭାରସାମ୍ୟ ହରାଇ ଅର୍ଚ୍ଚନା ଆତ୍ମହତ୍ୟା କରିଥିବା ତାଙ୍କ ମା' ଅଭିଯୋଗ କରିଥିଲେ ।

### ବଜ୍ରପାତରେ ଗୁରୁତର ମହିଳାଙ୍କ ମୃତ୍ୟୁ

ଶେରଗଡ,୩ା୯(ଡି.ଏନ୍.ଏ.): ଶେରଗଡ ବ୍ଲକ ଲାଞ୍ଜିଆପଲ୍ଲୀ ଗ୍ରାମର ବୁଦ୍ଧି ସ୍ୱାଇଁ ଶନିବାର ନିଜ ଧାନ ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଶେରଗଡ ଓ ପରେ ବ୍ରହ୍ମପୁର ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରୁ ବୁଦ୍ଧିଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶେରଗଡ଼ ତହସିଲଦାର ସମ୍ବିତ କୁମାର ଗଡନାୟକ ଓ ସହକାରୀ ରାଜସ୍ୱ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ଲାଞ୍ଜିଆପଲ୍ଲୀ ଗ୍ରାମକୁ ଯାଇ ମୃତ ବୁଦ୍ଧିଙ୍କ ପରିବାର ଲୋକଙ୍କୁ ଭେଟି ଫେରିଛନ୍ତି।

### ୫ ଫୁଟିଆ ନାଗସାପ ଉଦ୍ଧାର

ବୁଗୁଡ଼ା,୩ା୯(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟରୁ ସୋମବାର ଅପରାହ୍ନରେ ଗୋଟିଏ ୫ ଫୁଟିଆ ବିଷଧର ନାଗସାପ ଉଦ୍ଧାର କରାଯାଇଛି । ସୋମବାର କାର୍ଯ୍ୟାଳୟର ଏକ କୋଠରିରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ସାପକୁ ଦେଖି ବି.କରଡ଼ାବାଡ଼ିର ସ୍ନେକ୍ ହେଲପ ଲାଇନ ସଦସ୍ୟ ହରିଶ ପାଢ଼ୀଙ୍କୁ ଖବର ଦେଇଥିଲେ । ପାଢ଼ୀ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିଲେ ।



# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ମିଳୁନି ଟଙ୍କା



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

ଫୁଲବାଣୀ ଅଫିସ, ୩ା୯

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅରାପାଜୁ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନଆରଇଜିଏସ)ରେ କାମ କରିଥିବା ଶ୍ରମିକଙ୍କୁ ପାରିଶ୍ରମିକ ମିଳିନାହିଁ । ଉକ୍ତ କାମ କରିଥିବା ଅରାପାଜୁ ପଞ୍ଚାୟତ ଭାଲିଆପଡ଼ା ଗ୍ରାମବାସୀ ଏ ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରଛନ୍ତି। ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଟଙ୍କା ମିଳି ନ ଥିବା ସେମାନେ ଦର୍ଶାଇଛନ୍ତି। ୨୦୧୭ରେ ଭାଲିଆପଡ଼ା ଖେଳ ପଡିଆ କାମ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଆରମ୍ଭ ହୋଇଥିଲା । ଜାନୁୟାରୀରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଗ୍ରାମର ଲୋକେ ଏହି କାମ କରିଥିଲେ। ତେବେ ୪୦ ଦିନର ମଜୁରି ଶ୍ରମିକମାନଙ୍କୁ ମିଳିନାହିଁ । ଏ ସମ୍ପର୍କରେ ଜିଆର୍‌ଏସ୍‌ଙ୍କୁ ପଚାରିଲେ ଟଙ୍କା ସବୁ ଆକାଉଣ୍ଟରେ ଯାଇଛି ବୋଲି କହୁଥିବା ବେଳେ ଟଙ୍କା ଆସି ନ ଥିବା ବ୍ୟାଙ୍କ ପକ୍ଷରୁ କୁହାଯାଉଛି। କାମ କରୁ ନ ଥିବା ଲୋକଙ୍କୁ ଟଙ୍କା ମିଳୁଛି । ଆମେ କରି ଟଙ୍କା ପାଉନାହୁଁ ବୋଲି ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବିଦ୍ୟାଧର ମହାପାତ୍ର, ଅଗସ୍ତି କହଁର, ଗୌରୀ କହଁର, ଅଜୟ ମଲ୍ଲିକ, ଉର୍ମିଳା ଜାନୀ, ରଞ୍ଜିତା ମଲ୍ଲିକ, ନରେନ୍ଦ୍ର ମଲ୍ଲିକ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେତିକି ମେଜରମେଣ୍ଟ ହୋଇ କାମ ହୋଇଛି, ସେତିକି ଟଙ୍କା ଦିଆଯାଇଛି ବୋଲି ଜିଆରଏସ୍ ଦେବାଷିଶ କହଁର ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଆଦିବାସୀ ମହିଳାଙ୍କୁ ସଚେତନ କରାଇଲେ ଆରତୀ



ଆଦିବାସୀଙ୍କ ଗହଣରେ ସାମାଜିକ କର୍ମୀ ଆରତୀ ଦେବୀ ।

ବୁଗୁଡ଼ା,୩ା୯(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଡାହାଣିପଲ୍ଲୀ ଆଦିବାସୀ ଗ୍ରାମକୁ ଶୁକ୍ରବାର ମହିଳା ସାମାଜିକ କର୍ମୀ ଆରତି ଦେବୀ ଗସ୍ତ କରି ସେମାନଙ୍କ ମଧ୍ୟରେ ବିଭିନ୍ନ ଦିଗରେ ସଚେତନତା କରାଇଛନ୍ତି । ଡାହାଣିପଲ୍ଲୀ ଆଦିବାସୀ ଗ୍ରାମରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ତୁଙ୍କାପଡ଼ାର ପୂର୍ବତନ ଆଦର୍ଶ ସରପଞ୍ଚ ତଥା ମହିଳା ସାମାଜିକ କର୍ମୀ ଆରତି ଦେବୀ ସେଠାର ଗରିବ ଆଦିବାସୀ ମହିଳା ଓ ପୁରୁଷଙ୍କ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନତା କରାଇଥିଲେ । ବିଜୁବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା କିପରି ତୃଣମୂଳ ସ୍ତରରେ ପହଞ୍ଚିବା ସହ ଲୋକେ କିପରି ଏହାର ସୁଫଳ ପାଇପାରିବେ ସେ ବିଷୟରେ ଉଦ୍ୟମ ଜାରି ରଖି ଲୋକଙ୍କୁ ସଚେତନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଡ. କୁମୁଦ ଚନ୍ଦ୍ର ବେହେରା ମଧ୍ୟ ଉପସ୍ଥିତ ଥିଲେ ।

# ଗାଁ ସାଥୀ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଦିଗପହଣ୍ଡି,୩ା୯(ଡି.ଏନ.ଏ.)



ଭାରପ୍ରାପ୍ତ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ।

ଦିଗପହଣ୍ଡି ବ୍ଲକ ଗାଁ ସାଥୀ ସଂଘ ପକ୍ଷରୁ ଗୁରୁବାର ଭାରପ୍ରାପ୍ତ ବିଡିଓ ପୀତାମ୍ବର ବେହେରାଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକରେ କାର୍ଯ୍ୟ ପର୍ଯ୍ୟବେକ୍ଷକ ଭାବେ ଗାଁ ସାଥୀମାନେ ଦୀର୍ଘଦିନ ହେଲା କାମ କରୁଛନ୍ତି । ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗାଁ ସାଥୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଡାଟାବେସ ରିପୋର୍ଟ ମଗାଯାଇଥିଲା। ବିଭାଗୀୟ ଚିଠି ନଂ. ୧୫୫୬୫/ ୨୦ ଅଗଷ୍ଟ ୧୮ ଅନୁଯାୟୀ ବ୍ଲକ କାର୍ଯ୍ୟାଳୟଗୁଡ଼ିକୁ ୩୦ ଅଗଷ୍ଟ ୧୮ ସୁଦ୍ଧା ଗାଁ ସାଥୀମାନଙ୍କ ତାଲିକା ଓ ଡାଟାବେସ ପଠାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗୁରୁବାର ସୁଦ୍ଧା ବ୍ଲକ ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଇନଥିବା ପ୍ରତିବାଦରେ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସଂଘ ସଭାପତି ଉଦୟ ନାରାୟଣ ଦାସ, ସମ୍ପାଦକ ଉଆଳି ଗୌଡ଼, କାର୍ଯ୍ୟକର୍ତ୍ତା ବି. ପାରମେଶ୍ୱ ରେଡ୍ଡୀ, ସମୀର ଦଳବେହେରା, କୃଷ୍ଣଚନ୍ଦ୍ର ରଥ, ପ୍ରମୋଦ ଗୌଡ଼, ବାପି ପ୍ରଧାନ, ପ୍ରଫୁଲ୍ଲ ସେଠୀ, କୃଷ୍ଣ ପ୍ରଧାନ, ବାବୁଲା ଦୋରା, ନାରାୟଣ ପ୍ରଧାନ ପ୍ରମୁଖ ଜଣାଇଛନ୍ତି । ସ୍ମାରକପତ୍ରର ଏକକିତା ନକଲ ଉପସ୍ଥିତ ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ବିଡିଓଙ୍କୁ ଏନେଇ ପଚାରିବାରେ ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ତ ରିପୋର୍ଟ ପଠାଯିବ ବୋଲି କହିଛନ୍ତି ।

# ପଞ୍ଚମାରେ ଗଣେଶ ଚତୁର୍ଥୀ ଲାଗି ପ୍ରସ୍ତୁତି ବୈଠକ

କନିଷି,୩ା୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ରଣ୍ଡା ପଞ୍ଚାୟତ ପଞ୍ଚମାସ୍ଥିତ ଗଣେଶ ମନ୍ଦିରରେ ଆସନ୍ତା ୧୩ ତାରିଖରେ ଗଣେଶ ଚତୁର୍ଥୀ ପାଳନ କରାଯିବ। ଉକ୍ତ ଦିନ ସେଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଶ୍ରଦ୍ଧାଳୁମାନେ ଯେଉଁଭଳି ଶାନ୍ତି ଶୃଙ୍ଖଳାରେ ଶ୍ରୀଗଣେଶଙ୍କ ଦର୍ଶନ କରିବେ ସେ ନେଇ ଶୁକ୍ରବାର ପ୍ରଶାସନ ତରଫରୁ ଗୋଳନ୍ଥରା ଥାନାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କନିଷି ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ବିଡିଓ କୁମାର ନାଗଭୂଷଣ, ଗୋଳନ୍ଥରା ଥାନାଧିକାରୀ ଆଲୋକ ଜେନା, ଗ୍ରାମ୍ୟ କମିଟିସଭାପତି ସୁଧୀର ମଣ୍ଡଳ, ମନ୍ଦିର କମିଟି ସଭାପତି ହରଗୋପାଳ ରାଜୁ, ସମ୍ପାଦକ ଜଗଦିଶ ସାହୁ, ମନ୍ଦିର କମିଟିର ସଭ୍ୟ ସୁବାସ ଚନ୍ଦ୍ର ମଣ୍ଡଳ, ଗୌରୀ ସାମନ୍ତରା, ପ୍ରଫୁଲ୍ଲ ମଣ୍ଡଳ, ଦିବାକର ମଣ୍ଡଳ, ହରିବନ୍ଧୁ ମଣ୍ଡଳ, ସାହିବ ନାହାକ, ଯୁଧିଷ୍ଠିର ମଣ୍ଡଳ, ଭଗବାନ ପ୍ରଧାନ, ନନ୍ଦି ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ୩ ବର୍ଷ ହେଲା ମନ୍ଦିରର ହୁଣ୍ଡି, ଦାନଟଙ୍କା ହିସାବ ହୋଇନାହିଁ। ତେଣୁ ଗ୍ରାମବାସୀ ଓ ସଭାପତିଙ୍କ ମଧ୍ୟରେ ଅଶାନ୍ତି ବହୁଦିନ ହେଲା ଲାଗି ରହିଛି। ଏ ସମ୍ପର୍କରେ ଗୋଳନ୍ଥରା ଥାନା, କନିଷି ତହସିଲଦାର, ବ୍ରହ୍ମପୁର ଉପଜିଲାପାଳ, ଦେବୋତ୍ତର କମିଶନର, ଗଞ୍ଜାମ ଜିଲାପାଳଙ୍କ ନିକଟରେ ମନ୍ଦିର କମିଟି ସଦସ୍ୟ ସୁବାସ ଚନ୍ଦ୍ର ମଣ୍ଡଳ ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା ସୁଫଳ ମିଳିନି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଅଶାନ୍ତି ବଢ଼ିବାରେ ଲାଗିଛି। ତେବେ ଉକ୍ତ ପ୍ରସଙ୍ଗ ବୈଠକରେ ଆଲୋଚନା ହୋଇପାରିନାହିଁ।

# କୁଲାଗଡ଼ ଶିବ ମନ୍ଦିର ହୁଣ୍ଡିରୁ ଚୋରି, ୨ଗିରଫ

ଧରାକୋଟ,୩ା୯(ଡି.ଏନ୍.ଏ.)

ଧରାକୋଟ ଥାନା କୁଲାଗଡ଼ ଗ୍ରାମର ଶ୍ରୀ ଗରୁଡ଼େଶ୍ୱର ମହାଦେବ ମନ୍ଦିରରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ କବିସୂର୍ଯ୍ୟନଗରରୁ କୁଲାଗଡ଼ ଗ୍ରାମର ଚକ୍ରଧର ବେହେରା ଓରଫ ଚକରା, ରାବଣ ବେହେରା ଓରଫ ଟୁନା। ଏନେଇ କୁଲାଗଡ଼ ଗ୍ରାମର ସଭାପତି ଜୟ ପ୍ରକାଶ ସାହୁ ଧରାକୋଟ ଥାନାରେ ରବିବାର ଏତଲା ଦେଇଥିଲେ। ଏତଲା କ୍ରମେ କେସ୍ ନଂ. ୧୪୫/୧୮ ପ୍ରକାରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ତଦନ୍ତ ଆରମ୍ଭ କରିଥିଲେ। ପ୍ରକାଶ ଯେ, ସପ୍ତାହ ପୂର୍ବରୁ ମନ୍ଦିରର ହୁଣ୍ଡିରୁ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ପୁଣି ଗତ ୧ରେ ମନ୍ଦିର ତାଲା ଭାଙ୍ଗିଥିବା ଦେଖିବା ପରେ ଥାନାରେ ଖବର ଦିଆଯାଇଥିଲା। କୋଷାଧ୍ୟକ୍ଷ କେ. ସୀମାଞ୍ଚଳ ସେନାପତିଙ୍କ କହିବା ଅନୁସାରେ ପ୍ରାୟ ୧୫ ହଜାର ଟଙ୍କା ହୁଣ୍ଡିରେ ରହିଥିଲା। ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ଚକ୍ରଧର, ରାବଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ନଗଦ ୧୦ ହଜାର ୪୨୨ଟଙ୍କା ଜବତ ହୋଇଛି। ଧରାକୋଟ ଓ ଏହାର ଆଖପାଖ ଅଞ୍ଚଳରେ ଚୋରିରେ ସମ୍ପୃକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନ ଅଧିକାରୀ ସୂଚନା ଦେଇଛନ୍ତି।

# ନନ୍ଦ ଉତ୍ସବ ଲାଗି ଲକ୍ଷ୍ମୀପୁର ଉତ୍ସବମୁଖର

ଗଞ୍ଜାମ,୩ା୯(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ଲକ୍ଷ୍ମୀପୁର ଗ୍ରାମରେ ସୋମବାର ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ଏଥିପାଇଁ ଗ୍ରାମ ଉତ୍ସବମୁଖର ହୋଇଉଠିଛି । ରବିବାର ବିଳମ୍ବିତ ରାତିରେ ପୂର୍ବ ପରମ୍ପରା ଅନୁଯାୟୀ ଗ୍ରାମରେ ଥିବା ବାଲ୍ୟ ଗୋପାଳସ୍ୱାମୀ ମନ୍ଦିରରେ କୃଷ୍ଣ ଜନ୍ମ ଉତ୍ସବ ହେବା ପରେ ଗ୍ରାମରେ ଗୋଖର ଖଜା ବଣ୍ଟନ କରାଯାଇଥିଲା । ସୋମବାର ନନ୍ଦ ଉତ୍ସବ ପାଳନ ପାଇଁ ଗାଁ ସାରା ୪ ଖଣ୍ଡ ଭାରତଲୀଳା ନାଟକ ପରିବେଷଣ ହୋଇଥିଲା । ଏହି ନାଟକ ଦିନ ୧୦ଟାରୁ ଆରମ୍ଭ ହୋଇ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିବ ବୋଲି ଗ୍ରାମ୍ୟ ଯାତ୍ରା ପରିଚାଳନା କମିଟି ପକ୍ଷରୁ କୁହାଯାଇଛି । ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ଡା. ପ୍ରିୟାଂଶୁ ପ୍ରଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଆର. ଭାଗ୍ୟ ରେଡ୍ଡୀ, ପୂର୍ବତନ ସରପଞ୍ଚ କେଦାର ସ୍ୱାଇଁ, ଗ୍ରାମ୍ୟ କମିଟି ସଭାପତି ଈଶ୍ୱର ରେଡ୍ଡୀ, ଶ୍ରୀନୁ ରେଡ୍ଡୀ, ହୁମ୍ମା ସରପଞ୍ଚ ଚନ୍ଦ୍ର ମୋହନ ସାହୁ ପ୍ରମୁଖ ପରିଦର୍ଶନ କରିଥିବା ବେଳେ ଅପରାହ୍ନରେ ଉକ୍ତ ପଞ୍ଚାୟତ ସରପଞ୍ଚ ଦିଲୀପ ଛୋଟରାଏ ଗ୍ରାମକୁ ଯାଇ ପରିଦର୍ଶନ କରିଥିଲେ ।

# ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ

ପୁରୁଷୋତ୍ତମପୁର,୩ା୯(ଡି.ଏନ୍.ଏ.)



ଗୋପାଳ ସମାଜ ପକ୍ଷରୁ ସମ୍ମାନୀତ କୃତୀ ଛାତ୍ରୀଛାତ୍ରମାନେ ।

ଗଞ୍ଜାମ ଜିଲା ପ୍ରସିଦ୍ଧ ତାରାତାରିଣୀ ପୀଠରେ ଷୋହଳଖଣ୍ଡ ଗୋପାଳ ସମାଜର ପୂର୍ବଖଣ୍ଡ ତାଲୁକ ପକ୍ଷରୁ ପବିତ୍ର ନନ୍ଦ ଉତ୍ସବ ସଭାପତି ଶିବରାମ ଗୌଡ଼ଙ୍କ ପୌରୋହିତ୍ୟରେ ନୀତି ଅନୁସାରେ ପାଳିତ ହୋଇଯାଇଛି। ପୁରୁଷୋତ୍ତମପୁର, ହିଞ୍ଜିଳି ଓ ଛତ୍ରପୁର ୩ଟି ବ୍ଲକର ୨୩ଟି ମୁଠାର ୬୯ ଖଣ୍ଡ ଗ୍ରାମର ଗୋପାଳ ସମ୍ପ୍ରଦାୟର ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଗୋପାଳ ସମାଜ ପରିବାରର ପିଲାମାନେ ଦଶମ ଓ +୨ ପରୀକ୍ଷାରେ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିବା ୨୨ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିବାବେଳେ ସମସ୍ତ ମୁଠାର କର୍ମକର୍ତ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପସଭାପତି ଦେବରାଜ ଗୌଡ଼, ସମ୍ପାଦକ ଦିବାକର ଗୌଡ଼, କୋଷାଧ୍ୟକ୍ଷ ଗଙ୍ଗାଧର ଗୌଡ଼, ଉନ୍ନୟନ ପରିଷଦର ଉପସଭାପତି ଅଶୋକ କୁମାର ମହାକୁଡ଼, ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ଗୌଡ଼, ଅରୁଣ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

## ରଙ୍ଗେଇଲୁଣ୍ଡା ବ୍ଲକରେ କର୍ମଚାରୀ ଅଭାବ
# ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ଗୋପାଳପୁର,୩ା୯

ସବୁ ବର୍ଗର ଲୋକଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା ଆରମ୍ଭ କରୁଥିବା ବେଳେ ବହୁ ଉନ୍ନୟନ ପ୍ରକଳ୍ପ ଲାଗି ମଞ୍ଜୁରୀ ଦେଉଛନ୍ତି। ତେବେ କେତେକ ସ୍ଥଳରେ ଏହାର ସଫଳ ରୂପାୟନ ନିର୍ଦ୍ଧାରିତ ସମୟ ମଧ୍ୟରେ ହୋଇପାରୁ ନ ଥିବା ଦେଖିବାକୁ ମିଳୁଛି। ଏଭଳି ଦେଖାଯାଉଛି ରଙ୍ଗେଇଲୁଣ୍ଡା ବ୍ଲକରେ । କର୍ମଚାରୀ ଅଭାବ ଯୋଗୁ ୩୨ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଉପୁଜିଛି ।୩୨ ପଞ୍ଚାୟତ ନିର୍ବାହୀ ଅଧିକାରୀ ରହିବା ନିୟମ ଥିବା ବେଳେ ବର୍ତ୍ତମାନ ଅଛନ୍ତି ୧୮ ଜଣ । ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ ୨ରୁ ୩ଟି ପଞ୍ଚାୟତ ଦାୟିତ୍ୱରେ ରହୁଛନ୍ତି। ୨ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲମ୍ବା ଛୁଟିରେ ଯାଇଛନ୍ତି। ଫଳରେ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ବର୍ଷେ ହେଲା ସ୍ଥାନୀୟ ଯୋଗାଣ ନିରୀକ୍ଷକଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇନାହିଁ । ସେହିପରି ୪ ବର୍ଷ ହେଲା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି। ଦୁଇବର୍ଷ ହେଲା ସମବାୟ ସମ୍ପ୍ରସାରଣ ନିରୀକ୍ଷକ ଏବଂ ୪/୫ ମାସ ହେବ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଧ୍ୟ ନାହାନ୍ତି। ୨ ସହକାରୀ ଯନ୍ତ୍ରୀ ରହିବା ନିୟମ ଥିବା ବେଳେ ଜଣେ କାର୍ଯ୍ୟ ତୁଲାଉଛନ୍ତି। ୩ ବରିଷ୍ଠ କିରାଣିଙ୍କ ମଧ୍ୟରୁ ଜଣେ ଛୁଟିରେ ଯାଇଛନ୍ତି । ଯାହାଫଳରେ ଠିକ ସମୟରେ ଠିକାଦାରମାନଙ୍କ ବିଲ ହେଉ ନ ଥିବା ଅଭିଯୋଗ ହୋଇଛି । ସରକାରୀ ଯୋଜନା ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

ଏ ନେଇ ବିଡିଓ କୁମାର ନାଗଭୂଷଣଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି । କର୍ମଚାରୀଙ୍କ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଆଶା କରୁଛୁ ଖୁବଶୀଘ୍ର ଏହି କର୍ମଚାରୀ ପଦବୀ ପୂରଣ ହୋଇଯିବ।

# କୋର୍ଟରେ ହାଜର ହେଲେ ସବ୍ୟସାଚୀ

ଭଞ୍ଜନଗର,୩ା୯(ଡି.ଏନ.ଏ.)

ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କ ନାମରେ ଥିବା ବିଭିନ୍ନ ମାମଲାର ସାକ୍ଷୀ ବିଚାର ସୋମବାର ଭଞ୍ଜନଗର ଏଡ଼ିଜେ କୋର୍ଟରେ ହୋଇଛି। ତେଣୁ ସବ୍ୟସାଚୀଙ୍କୁ ବ୍ରହ୍ମପୁର ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ କୋର୍ଟକୁ ଅଣାଯାଇଥିଲା। ବଡ଼ଗଡ଼ ଥାନା ଅଞ୍ଚଳରେ ମୋବାଇଲ ଟାୱାର ପୋଡ଼ି ମାମଲାରେ ସୋମବାର ପୂର୍ବତନ ଆସିକା ଏସ୍‌ଡ଼ିପିଓ ତଥା ଆଇପିଏସ୍ ଅଫିସର ସାରା ଶର୍ମା ଓ ବଡ଼ଗଡ଼ ଥାନାର ପୂର୍ବତନ ଆଇଆଇସି ବିବେକାନନ୍ଦ ସ୍ୱାଇଁ ସାକ୍ଷୀ ଦେଇଥିଲେ। ସାକ୍ଷ୍ୟ ବିଚାର ପରେ ସବ୍ୟସାଚୀଙ୍କୁ ପୁଣି ବ୍ରହ୍ମପୁର ଜେଲକୁ ନିଆଯାଇଛି। ତାଙ୍କ ନାମରେ ଭଞ୍ଜନଗର କୋର୍ଟରେ ଥିବା ବିଭିନ୍ନ ମାମଲାର ସାକ୍ଷୀ ବିଚାର ଗୁରୁବାର ପର୍ଯ୍ୟନ୍ତ ହେବ । ସରକାରଙ୍କ ପକ୍ଷରୁ ସୁରେନ୍ଦ୍ର ପଣ୍ଡା,ଏମ୍.ତାଜ୍ ଆଦେନୀ, ବିଦ୍ୟାଧର ଷଡଙ୍ଗୀ ଓ ମୁଦାଲାଙ୍କ ପକ୍ଷରୁ ଦୀପକ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି ।

# ନଦୀରେ ଭାସି ଯୁବକ ମୃତ

ଡୁମୁଡ଼ିବନ୍ଧ,୩ା୯(ଡି.ଏନ୍.ଏ.)

ଡୁମୁଡ଼ିବନ୍ଧ ବ୍ଲକ ଭଣ୍ଡରଙ୍ଗି ପଞ୍ଚାୟତରେ ସିଙ୍ଗିନୂଆଁ ସାହିରେ ଶନିବାର ସନ୍ଧ୍ୟାରେ ନଦୀରେ ଭାସି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସୁବାସ ମାଝି (୪୦) । ପ୍ରକାଶ ଯେ, ସୁବାସ ମୂଲକାମ କରିବାକୁ ଭଣ୍ଡରଙ୍ଗି ଗ୍ରାମକୁ ଆସିଥିଲେ। ସକାଳ ୮ରୁ ୪ଟା ପର୍ଯ୍ୟନ୍ତ କାମ ସାରି ଚାଉଳ ଧୂଆ ନଦୀ ପାର ହୋଇ ଘରକୁ ଫେରୁଥିବା ବେଳେ ବଢ଼ି ପାଣିରେ ଭାସି ଯାଇଥିଲେ। ସନ୍ଧ୍ୟା ଯାଏଁ ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ସହ ଗ୍ରାମବାସୀ ମିଶି ବହୁ ଖୋଜାଖୋଜି କରି ମଧ୍ୟ ପାଇ ନଥିଲେ। କିନ୍ତୁ ସୋମବାର ସକାଳେ ସିନ୍ଦେରପଡ଼ା ଘାଟରେ ସୁବାସଙ୍କ ମୃତଦେହ ଗ୍ରାମବାସୀ ଉଦ୍ଧାର କରି ବେଲଘର ଥାନାକୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କେସ୍ ନଂ.୦୨/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଡୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଥାନା ଅଧିକାରୀ କହିଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ